# NATIONAL NEWS BULLETIN (ODIA)

**18 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ।

- ଭିତ୍ତିଭୂମି, ଅର୍ଥନୈତିକ ଏବଂ କୃଷିଭିତ୍ତିକ ବିକାଶ ଉପରେ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି; କହିଲେ କେନ୍ଦ୍ରମନ୍ତ୍ରୀ ଜି.କିଶନ ରେଡ୍ଡୀ ।

- ହିମାଚଳ ପ୍ରଦେଶ ବିଧାନସଭାର ଶୀତକାଳୀନ ଅଧିବେଶନ ଆଜିଠାରୁ ହେଲା ଆରମ୍ଭ ।

- ସଂଖ୍ୟାଲଘୁଙ୍କ ସମେତ ଗରିବଙ୍କ ଜୀବନରେ ଉନ୍ନତି ଆଣିବାରେ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି; କହିଲେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏବଂ

- ଗାବା ଟେଷ୍ଟ ଅମୀମାଂସିତ ଭାବେ ଶେଷ ।

# ପାର୍ଲାମେଣ୍ଟ- ଆଡଜର୍ଣ୍ଣ

ରାଜ୍ୟସଭାରେ ଗତକାଲି ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଅନୁଷ୍ଠିତ ଦୁଇଦିନିଆ ଆଲୋଚନାର ଉତ୍ତରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ମନ୍ତବ୍ୟ ପ୍ରତିବାଦରେ ଆଜି ବିରୋଧୀ ଦଳ ପକ୍ଷରୁ ଉଭୟ ସଦନରେ ହଟ୍ଟଗୋଳ କରାଯାଇଥିଲା। ଫଳରେ ଉଭୟ ସଦନ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।

ଲୋକସଭାର ଅଧିବେଶନ ଆରମ୍ଭ ହେବା ମାତ୍ରେ କଂଗ୍ରେସ, ଡିଏମ୍‌କେ ଏବଂ ବାମପନ୍ଥୀ ଦଳ ସମେତ ବିରୋଧୀ ଦଳଗୁଡ଼ିକ ଗତକାଲିର ରାଜ୍ୟସଭାରେ ଶ୍ରୀ ଶାହା  ଦେଇଥିବା ଉତ୍ତରରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କୁ ଅପମାନିତ କରିଥିବା ଅଭିଯୋଗ ନେଇ ସ୍ଲୋଗାନମାନ ଦେଇଥିଲେ। ସଂସଦୀୟ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଶାସକ ଦଳର ଅନ୍ୟ ସଦସ୍ୟ ବିରୋଧୀଙ୍କର ଆଚରଣକୁ ସମାଲୋଚନା କରିଥିଲେ। ହଟ୍ଟଗୋଳ ମଧ୍ୟରେ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

ରାଜ୍ୟସଭାରେ ମଧ୍ୟ ସେହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପ୍ରବଳ ହଟ୍ଟଗୋଳ କରାଯାଇଥିଲା। ଅଧ୍ୟକ୍ଷ ଜଗଦୀପ ଧନଖଡ଼’ ଡକ୍ଟର ଆମ୍ବେଦକର ଜଣେ ସମ୍ମାନିତ ବ୍ୟକ୍ତି ଏବଂ ସେ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ, ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ତାଙ୍କ ଅଭିଭାଷଣରେ ଡକ୍ଟର

ଆମ୍ବେଦକରଙ୍କ ପ୍ରତି କୌଣସି ପ୍ରକାର ଅସମ୍ମାନ ସୂଚନ ମନ୍ତବ୍ୟ ଦେଇନାହାଁନ୍ତି। ଅନ୍ୟପକ୍ଷରେ ଡକ୍ଟର ଆମ୍ବେଦକରଙ୍କୁ କଂଗ୍ରେସ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିନାହିଁ ବୋଲି ସେ ଅଭିଯୋଗ କରିଥିଲେ। ତେବେ ବିରୋଧୀଙ୍କ ତୀବ୍ର ହଟ୍ଟଗୋଳକୁ ଦୃଷ୍ଟିରେ ରଖି ଅଧ୍ୟକ୍ଷ ଶ୍ରୀ ଧନଖଡ଼ ରାଜ୍ୟସଭାକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

ଅନ୍ୟପକ୍ଷରେ ବିରୋଧୀ ସାଂସଦ ମାନେ ଶ୍ରୀ ଶାହା କ୍ଷମା ମାଗିବା ଦାବି ନେଇ ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ପିଏମ୍-ଆମ୍ବେଦକର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ତାଙ୍କ ବକ୍ତବ୍ୟରେ ଭାରତୀୟ ସମ୍ବିଧାନର ପ୍ରଣେତା ଡକ୍ଟର ଆମ୍ବେଦକରଙ୍କୁ ଅପମାନିତ କରିବା ନେଇ କଂଗ୍ରେସର ଇତିହାସକୁ  ସାମ୍ନାକୁ ଆଣିଛନ୍ତି। ଶ୍ରୀ ଶାହାଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ କଂଗ୍ରେସକୁ ଆଶ୍ଚର୍ଯ୍ୟ ଏବଂ ସ୍ତବ୍ଧ କରିଛି। ସେଥିପାଇଁ ସେମାନେ ଏଭଳି ଅଭିଯୋଗ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି।

## ଶାସ୍ତ୍ରୀୟ ଭାଷା ମାନ୍ୟତା

କେନ୍ଦ୍ରମନ୍ତ୍ରୀ ଜି.କିଶନ ରେଡ୍ଡୀ କହିଛନ୍ତି, ଭିତ୍ତିଭୂମି, ଅର୍ଥନୈତିକ ଏବଂ କୃଷିଭିତ୍ତିକ ବିକାଶ ଉପରେ ସରକାର ବିଶେଷ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ନୂଆଦିଲ୍ଲୀଠାରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି, ଦେଶର ଏକତା ଓ ସାଂସ୍କୃତିକ ଇତିହାସ ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ଦେଶରେ ୧୨୧ଟି ପ୍ରମୁଖ ଭାଷା ଏବଂ ପାଖାପାଖି ୧

ହଜାର ୬୦୦ ଉପଭାଷା ରହିଛି ବୋଲି ସେ କହିଛନ୍ତି। ଭାଷା କେବଳ ଯୋଗାଯୋଗର ମାଧ୍ୟମ ନୁହେଁ ବରଂ ଜ୍ଞାନ, ସଂସ୍କୃତି ଏବଂ ପରମ୍ପରାର ଗୁରୁତ୍ୱପୂର୍ଣ୍ଣ ଐତିହ୍ୟ। ଭାଷା ଏବଂ ଉପଭାଷା ଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ପାଇଁ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି। କେନ୍ଦ୍ର କ୍ୟାବିନେଟ୍ ଗତ ଅକ୍ଟୋବର ମାସରେ ମରାଠି, ପାଲି, ପ୍ରକୃତି, ଆସାମୀ ଏବଂ ବଙ୍ଗଳା ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିଛନ୍ତି। ଏଥିସହ ୧୧ଟି ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିବାରେ ଭାରତ ବିଶ୍ୱରେ ଏକମାତ୍ର ଦେଶ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି।

## ସ୍ମାର୍ଟ ଫୋନ୍ ରପ୍ତାନୀ

ସ୍ମାର୍ଟ ଫୋନ୍ ରପ୍ତାନୀକାରୀ ଦେଶଗୁଡ଼ିକ ମଧ୍ୟରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ୨୦୧୯ରେ ୨୩ତମ ସ୍ଥାନରେ ରହିଥିଲା। ଗତ ନଭେମ୍ବର ମାସରେ ଦେଶର ସ୍ମାର୍ଟ ଫୋନ୍ ରପ୍ତାନୀ ୨୦ ହଜାର କୋଟି ଟଙ୍କା ଅତିକ୍ରମ କରିଛି ବୋଲି କମ୍ପାନୀଗୁଡ଼ିକ ପକ୍ଷରୁ ଦାଖଲ ହୋଇଥିବା ତଥ୍ୟରୁ ସୂଚନା ମିଳିଛି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଅଶ୍ୱିନୀ ବୈଷ୍ଣବ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଏହି ସଫଳତା ପାଇଁ ସମସ୍ତଙ୍କ ସହଯୋଗକୁ ଉଚ୍ଚପ୍ରଶଂସା କରିଛନ୍ତି।

## ହିମାଚଳ ପ୍ରଦେଶ ବିଧାନସଭା

ହିମାଚଳ ପ୍ରଦେଶ ବିଧାନସଭାର ଶତୀକାଳୀନ ଅଧିବେଶନ ଆଜିଠାରୁ ଧର୍ମଶାଳାର ତପୋବନଠାରେ ଆରମ୍ଭ ହୋଇଛି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ୍ ୪ଟି ବୈଠକ ବସିବ। ଅଧିବେଶନ କାଳରେ ୨୪୮ଟି ତାରକା ଏବଂ ୬୮ଟି ଅଣତାରକା ପ୍ରଶ୍ନ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି। ସରକାରଙ୍କ ପକ୍ଷରୁ ୧୫ଟି ବିଲ୍ ଉପସ୍ଥାପନ କରାଯିବ। ବାଚସ୍ପତି କୁଲଦୀପ ସିଂ ପଠାନିଆ କହିଛନ୍ତି, ହିମାଚଳ ପ୍ରଦେଶ ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ଶୂନ୍ୟକାଳରୁ ଅଧିବେଶନ ଆରମ୍ଭ ହୋଇଛି। ଉଭୟ ଶାସକ ଏବଂ ବିରୋଧୀ ଦଳ ସୁରୁଖୁରୁରେ ଗୃହ ପରିଚାଳନା ପାଇଁ ଗଠନ ମୂଳକ ସହଯୋଗ ପ୍ରଦାନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ପ୍ରଧାନ- ଏନ୍‌ସିଏମ୍‌ଇଆଇ ଫାଉଣ୍ଡେସନ୍

ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସଂଖ୍ୟାଲଘୁଙ୍କ ସମେତ ଗରିବଙ୍କ ଜୀବନରେ ଉନ୍ନତି ଆଣିଛି ବୋଲି ଆଜି ନୂଆଦିଲ୍ଲୀଠାରେ ଜାତୀୟ ସଂଖ୍ୟାଲଘୁ ଶିକ୍ଷା ସଂସ୍ଥାନ ଆୟୋଗର ୨୦ତମ ପ୍ରତିଷ୍ଠା ଦିବସ ଅବସରରେ ଉଦ୍‌ବୋଧନ ଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ସରକାର 'ସବ୍‌କା ସାଥ୍, ସବ୍‌କା ବିଶ୍ୱାସ' ଆଧାରରେ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଚଳନ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଏବଂ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଭଳି କାର୍ଯ୍ୟକ୍ରମ ଗରିବ ସଂଖ୍ୟାଲଘୁ ସମ୍ପ୍ରଦାୟର ବିକାଶରେ ବିଶେଷ ସହାୟକ ହୋଇଛି। ଶିକ୍ଷାର

ଗୁରୁତ୍ୱ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ସଂଖ୍ୟାଲଘୁଙ୍କର ମର୍ଯ୍ୟାଦାର ସହ ବଞ୍ଚିବାର ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ସରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦କୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ସେ ଶିକ୍ଷାନୁଷ୍ଠାନ ବିଶେଷ କରି ସଂଖ୍ୟାଲଘୁ ଅନୁଷ୍ଠାନଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଦକ୍ଷତାକୁ ବଜାୟ ରଖିବା ଦ୍ୱାରା ଭବିଷ୍ୟତରେ ଭାରତ ଜ୍ଞାନ ଆଧାରିତ ଅର୍ଥ ବ୍ୟବସ୍ଥାର ପ୍ରମୁଖ ସ୍ଥାନରେ ରହିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

## ପଞ୍ଜାବ-କୃଷକ ଆନ୍ଦୋଳନ

ପଞ୍ଜାବରେ ଆନ୍ଦୋଳନରତ କୃଷକ ରାଜ୍ୟର ପ୍ରାୟ ୫୦ଟି ସ୍ଥାନରେ ଟ୍ରେନ୍ ଅଟକାଇ ପ୍ରତିବାଦ ଜଣାଇଛନ୍ତି। ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ସଂକ୍ରାନ୍ତ ଆଇନଗତ ଗ୍ୟାରେଣ୍ଟି ଦାବିରେ ସେମାନେ ଏହିଭଳି ପ୍ରତିବାଦ କରିଥିବା ଜଣାପଡ଼ିଛି। କୃଷକ ନେତା ସରୱାନ୍ତ ସିଂ ପାଣ୍ଡେ ଘୋଷଣା କରି କହିଛନ୍ତି, ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରେଳ ଚଳାଚଳ ଅବରୋଧ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶାନ୍ତିପୂର୍ଣ୍ଣ ଭାବେ ଏବଂ କେବଳ ଲେବଲ କ୍ରସିଂଗୁଡ଼ିକରେ କୃଷକ ସଂଘର କର୍ମକର୍ତ୍ତା ଧାରଣାରେ ଯୋଗ ଦେଇଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

## ଏନ୍‌ଆଇଏ- ଖାଲିସ୍ତାନ ଟେରରିଷ୍ଟ

ବେଆଇନ୍ ଘୋଷିତ ବାବର ଖାଲ୍‌ସା ଆନ୍ତର୍ଜାତିକ ସଂଗଠନର ସଦସ୍ୟ ଲଖ୍‌ଭୀର ସିଂଙ୍କ ଦୁଇ ପ୍ରମୁଖ ସହଯୋଗୀଙ୍କ ବିରୋଧରେ ଜାତୀୟ

ତଦନ୍ତକାରୀ ସଂସ୍ଥା– ଏନ୍.ଆଇ.ଏ. ଚାର୍ଜସିଟ୍ ଦାଖଲ କରିଛି । ପଞ୍ଜାବର ମୋହାଲିସ୍ଥିତ ଏନ୍.ଆଇ.ଏ. ସ୍ୱତନ୍ତ୍ର କୋର୍ଟରେ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ଏନ୍.ଆଇ.ଏ. କହିଛି, ଲଖ୍‌ବୀର ସିଂର ଦୁଇ ସହଯୋଗୀ ଯଶପ୍ରୀତ ସିଂ ଓରଫ ଯଶ ଏବଂ ବଲଜୀତ ସିଂ ଓରଫ୍ ରାଣା ଭାଇ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରାଯାଇଛି । ସେମାନେ ବେଆଇନ୍ ଘୋଷିତ ବାବର ଖାଲ୍‌ସା ଆନ୍ତର୍ଜାତିକ ସଂଗଠନର ସକ୍ରିୟ ସଦସ୍ୟ ବୋଲି ଜଣାପଡ଼ିଛି । ନିଶାଦ୍ରବ୍ୟ ଚୋରା କାରବାର ତଥା ସଂଗଠନ ପାଇଁ ଆର୍ଥିକ ସମ୍ବଳ ସୃଷ୍ଟି କରିବା ପାଇଁ ଯଶପ୍ରୀତ ସିଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲା । ସେହିଭଳି ଆତଙ୍କବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଣ ଆଦି କ୍ଷେତ୍ରରେ  ବଲଜୀତ ସିଂ କାର୍ଯ୍ୟ କରୁଥିଲା ବୋଲି ଏନ୍.ଆଇ.ଏ. ସୂଚନା ଦେଇଛି । ତେବେ ଏ ନେଇ ଅଧିକ ତଦନ୍ତ ଜାରି ରହିଛି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, କାନାଡ଼ର ୩୩ ବର୍ଷୀୟ ଗ୍ୟାଙ୍ଗଷ୍ଟର ଲଖ୍‌ବୀର ସିଂ ଲଣ୍ଡାଙ୍କୁ ଆତଙ୍କବାଦ ନିରୋଧୀ ଆଇନ ଅନୁଯାୟୀ ଆତଙ୍କବାଦୀ ଘୋଷଣା କରାଯାଇଛି । ୨୦୨୧ ମସିହାରେ ମୋହାଲି ସ୍ଥିତ ପଞ୍ଜାବ ପୁଲିସ ଗୁଇନ୍ଦା ମୁଖ୍ୟାଳୟ ଉପରେ ଆକ୍ରମଣରେ ଲଖ୍‌ବୀର ସିଂ ସମ୍ପୃକ୍ତ ଥିଲା । ୨୦୧୭ ମସିହାରେ ସେ କାନାଡ଼ାକୁ ପଳାୟନ କରିଥିଲା ବୋଲି ଏନ୍.ଆଇ.ଏ କହିଛି ।

## କ୍ରିକେଟ

ବ୍ରିସ୍‌ବେନ୍‌ର ଗାବାଠାରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ଟେଷ୍ଟ କ୍ରିକେଟ ସିରିଜ୍‌ର ତୃତୀୟ ଟେଷ୍ଟ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି । ଆଜି ପଞ୍ଚମ ଦିନର ଖେଳରେ ଅଷ୍ଟ୍ରେଲିଆ ତା’ର ଦ୍ୱିତୀୟ ଇନିଂସରେ

୭ଓ୍ୱିକେଟ୍ ବିନିମୟରେ ଅଣାନବେ ରନ୍ ସଂଗ୍ରହ କରି ପାଳି ସମାପ୍ତି ଘୋଷଣା କରିଥିଲା। ଭାରତ ସମ୍ମୁଖରେ ୨୭ ରନ୍‌ର ବିଜୟ ଲକ୍ଷ୍ୟ ରଖିଥିଲା। ଭାରତ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି କୌଣସି ଓ୍ୱିକେଟ୍ ନହରାଇ ୮ ରନ୍ ସଂଗ୍ରହ କରିଥିବା ବେଳେ ଅନ୍ତିମ ଦିନର ଖେଳ ପରିସମାପ୍ତି ଘୋଷଣା କରାଯାଇଥିଲା। ଏହି ପାଞ୍ଚ ଟିକିଆ ସିରିଜ୍‌ର ଏ ପର୍ଯ୍ୟନ୍ତ ଖେଳାଯାଇଥିବା ତିନୋଟି ମ୍ୟାଚ୍ ମଧ୍ୟରୁ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ତରରେ ଅଛନ୍ତି।

## ଅଶ୍ୱିନୀ- ରିଟାୟାରମେଣ୍ଟ

ଭାରତର ଅଲରାଉଣ୍ଡର ରବି ଚନ୍ଦ୍ରନ ଅଶ୍ୱିନ ଆନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ଅମୀମାଂସିତ ଭାବେ ଶେଷ ହେବାର କିଛି ସମୟ ପରେ ୩୮ ବର୍ଷୀୟ ଶ୍ରୀ ଅଶ୍ୱିନୀ ଏହି ଘୋଷଣା କରିଛନ୍ତି। ସେ ଅଷ୍ଟ୍ରେଲିଆ ବିପକ୍ଷରେ ଚାଲିଥିବା ସିରିଜ୍‌ର ପ୍ରଥମ ତିନୋଟି ଟେଷ୍ଟ ମଧ୍ୟରୁ କେବଳ ଗୋଟିଏ ଟେଷ୍ଟରେ ୫୩ ରନ୍ ବିନିମୟରେ ଗୋଟିଏ ଓ୍ୱିକେଟ୍ ଅକ୍ତିଆର କରିଥିଲେ। ଉଭୟ ଆନ୍ତର୍ଜାତିକ ଏବଂ ଟେଷ୍ଟ କ୍ରିକେଟରେ ଶ୍ରୀ ଅଶ୍ୱିନୀ ଭାରତର ଦ୍ୱିତୀୟ ସର୍ବାଧିକ ଓ୍ୱିକେଟ୍ ହାସଲକାରୀ ଭାବେ ମାନ୍ୟତା ପାଇଛନ୍ତି। ୨୦୧୧ ନଭେମ୍ବର ୬ରେ ଦିଲ୍ଲୀରେ ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ପକ୍ଷରୁ ସେ ତାଙ୍କର ଟେଷ୍ଟ ଜୀବନ ଆରମ୍ଭ କରିଥିଲେ। ୧୦୬ଟି ଟେଷ୍ଟ ମ୍ୟାଚ୍‌ରେ ସେ ୫୩୭ଟି ଓ୍ୱିକେଟ୍ ଅକ୍ତିଆର କରିଛନ୍ତି। ଅନିଲ କୁମ୍ବଲେଙ୍କ ପରେ ସେ ହେଉଛନ୍ତି ଭାରତର ଦ୍ୱିତୀୟ ସର୍ବାଧିକ ଓ୍ୱିକେଟ୍ ହାସଲକାରୀ। ଭାରତ ପକ୍ଷରୁ ସେ ୧୧୬ଟି ଆନ୍ତର୍ଜାତିକ ଦିନିକିଆ ମ୍ୟାଚ୍ ଖେଳି ୧୫୬ଟି ଓ୍ୱିକେଟ୍ ହାସଲ କରିଥିବା ବେଳେ ୬୫ଟି ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ

ମ୍ୟାଚ୍‌ରେ ମୋଟ୍ ୭୨ଟି ଓ୍ବିକେଟ୍ ହାସଲ କରିଛନ୍ତି । ତେବେ ଆଇପିଏଲ୍-୨୦୨୫ରେ ଚେନ୍ନାଇ ସୁପରକିଙ୍ଗ୍‌ସ ଦଳକୁ ସେ ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡ଼ିଛି ।